# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 11th July – 2026

*************************************

## ମୁଖ୍ୟ ସମ୍ବାଦ

- ବିଦ୍ୟାଳୟ ପାଠ୍ୟପୁସ୍ତକ ତ୍ରୁଟିର ଅପରାଧିକ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ।
- କଂସାରୀଗୁଡ଼ା ଆଲୁମିନା ରିଫାଇନାରୀ ପ୍ରକଳ୍ପର ସମ୍ପ୍ରସାରଣପାଇଁ ବିର୍ଲା ଗ୍ରୁପ୍‌ର ପ୍ରସ୍ତାବ; ଖର୍ଚ୍ଚ ହେବ ଅତିରିକ୍ତ ୧ ୨ ହଜାର କୋଟି ଟଙ୍କା ।
- ପୁରୀ ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ନେଇ ସମୀକ୍ଷା କଲେ ପୁଲିସ ମହାନିର୍ଦ୍ଦେଶକ ।

ଏବଂ

- ଭୁବନେଶ୍ୱରରେ ସ୍ୱଳ୍ପ କାର୍ବନ ନିର୍ମାଣ ସାମଗ୍ରୀ ଓ ସ୍ଥାୟୀ ବିକାଶ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ।

***Desk***

## ମୁଖ୍ୟମନ୍ତ୍ରୀ - ପାଠ୍ୟପୁସ୍ତକ ତ୍ରୁଟି

ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ବିଦ୍ୟାଳୟ ପାଠ୍ୟପୁସ୍ତକ ତ୍ରୁଟି ସମ୍ପର୍କିତ ସମଗ୍ର ପ୍ରକ୍ରିୟାର ଅପରାଧିକ ତଦନ୍ତପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍ୱତନ୍ତ୍ର ଭାବେ କ୍ରାଇମବ୍ରାଞ୍ଚ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ମାମଲା ରୁଜୁ କରିବାକୁ ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ –ଏସ୍.ସି.ଇ.ଆର୍.ଟି. ନିର୍ଦ୍ଦେଶକଙ୍କୁ ଶ୍ରୀ ମାଝୀ କହିଛନ୍ତି। ପୂର୍ବରୁ ପାଠ୍ୟପୁସ୍ତକ ତ୍ରୁଟି ଜନିତ ବିଷୟର ତଦନ୍ତ ପାଇଁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। କମିଟିର ରିପୋର୍ଟ ଅନୁଯାୟୀ ଏସ୍.ସି.ଇ.ଆର୍.ଟି. ପୂର୍ବତନ ନିର୍ଦ୍ଦେଶକଙ୍କ ସମେତ ତିନିଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବନ ଏବଂ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

***BBSR/R***

# ମୁଖ୍ୟମନ୍ତ୍ରୀ - ବିର୍ଲା ଗ୍ରୁପ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଆଦିତ୍ୟ ବିର୍ଲା ଗ୍ରୁପ୍ର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା ଆଜି ବିର୍ଲା ଗ୍ରୁପ୍ ପକ୍ଷରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ତଥା ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି । ବୈଠକରୁ ଜଣାପଡ଼ିଛି, ରାୟଗଡ଼ା ଜିଲ୍ଲା କାଶୀପୁର ତହସିଲ ଅଧୀନରେ ଥିବା କଂସାରୀଗୁଡ଼ା ଗ୍ରୀନ୍‌ଫିଲ୍‌ଡ୍ ଆଲୁମିନା ରିଫାଇନାରୀ ପ୍ରକଳ୍ପକୁ ସମ୍ପ୍ରସାରିତ କରିବାପାଇଁ ବିର୍ଲା ଗ୍ରୁପ୍ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଏକ ମିଲିୟନ୍ ଟନ୍ କ୍ଷମତା ବିଶିଷ୍ଟ ରିଫାଇନାରୀର କ୍ଷମତାକୁ ଆହୁରି ୨ ମିଲିୟନ୍ ଟନ୍ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି । ଏଥିଲାଗି ଅତିରିକ୍ତ

ପ୍ରାୟ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏହାଫଳରେ କଂସାରୀଗୁଡ଼ା ରିଫାଇନାରୀର କ୍ଷମତା ବର୍ଷକୁ ୩ ମିଲିୟନ୍ ଟନ୍‌କୁ ବୃଦ୍ଧି ପାଇବ । ଏହି ପ୍ରକଳ୍ପ ମାଧ୍ୟମରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଆଲୁମିନିୟମ୍ ସମ୍ପର୍କିତ ପ୍ରକଳ୍ପର ବିସ୍ତାର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଛି । ଏଥିପାଇଁ ଇକୋ-ସିଷ୍ଟମ୍ ବିକଶିତ କରାଯାଉଛି । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ରିଫାଇନାରୀର ସମ୍ପ୍ରସାରଣ ତଥା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ବୈଠକରେ ରାଜ୍ୟରେ ବିର୍ଲା ଗ୍ରୁପ୍ ପକ୍ଷରୁ ଚାଲୁଥିବା ବିଭିନ୍ନ ପ୍ରସ୍ତାବ, ନିବେଶ ଏବଂ ପ୍ରକଳ୍ପର ମଧ୍ୟ ସମୀକ୍ଷା ହୋଇଥିଲା ।

***Desk***

# ୟୁ.ଏଲ୍.ବି.

ରାଜ୍ୟ ସରକାର ସମସ୍ତ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା-ୟୁ.ଏଲ୍.ବି.କୁ ସ୍ୱାବଲମ୍ବୀ ଓ ସ୍ଥାୟୀ କରିବା ଉଦ୍ଦେଶ୍ୟରେ ରାଜସ୍ୱ ମଡେଲ୍ ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ରାଜ୍ୟ ସରକାର ଏବଂ ଗୃହ ଓ ସହରାଞ୍ଚଳ ବିକାଶ ନିଗମ - ହୁଡ୍‌କୋ'ର ମିଳିତ ସହଯୋଗରେ ଆଜି ଭୁବନେଶ୍ୱରଠାରେ ଏକଦିବସୀୟ କ୍ଷମତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ୟୁ.ଏଲ୍.ବି.ଗୁଡ଼ିକ କେବଳ ସରକାରୀ ଅନୁଦାନ ଉପରେ ନିର୍ଭର ନ କରି ନିଜସ୍ୱ ରାଜସ୍ୱ ସୃଷ୍ଟି କରି ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ସୁଦୃଢ଼ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି । ୟୁ.ଏଲ୍.ବି. ଓ ଏନ୍.ଏ.ସି.ଗୁଡ଼ିକୁ ବୃହତ୍ ଭିତ୍ତିଭୂମି ପ୍ରକଳ୍ପପାଇଁ ଆବଶ୍ୟକ ଆର୍ଥିକ ସମ୍ବଳ ହାସଲ କରିବାରେ ସକ୍ଷମ କରିବା ସମ୍ପର୍କରେ କର୍ମଶାଳାରେ ଆଲୋଚନା ହୋଇଥିଲା । ୨୦୩୬ ମସିହା ସୁଦ୍ଧା ରାଜ୍ୟ ଅର୍ଥନୀତିକୁ ଉଲ୍ଲେଖନୀୟ ସ୍ତରରେ ପହଞ୍ଚାଇବାପାଇଁ ପୌରସଂସ୍ଥା ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଲାଗି ଶ୍ରୀ ମହାପାତ୍ର ଆହ୍ୱାନ ଦେଇଛନ୍ତି । କର୍ମଶାଳାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ କହିଛନ୍ତି, କେନ୍ଦ୍ର ସରକାରଙ୍କର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏପ୍ରିଲ୍ ୧୫ ତାରିଖରେ ଆରମ୍ଭ ହୋଇଥିବା ଅର୍ବାନ ଚ୍ୟାଲେଞ୍ଜ୍ ଫଣ୍ଡ ରାଜ୍ୟର ସମସ୍ତ ଭିତ୍ତିଭୂମି ବିକାଶପାଇଁ ଏକ ନୁତନ ସୁଯୋଗ ସୃଷ୍ଟି କରିଛି । ଯୋଜନା ଅଧୀନରେ ପ୍ରକଳ୍ପ ମୂଲ୍ୟର ୨୫ ପ୍ରତିଶତ ପର୍ଯ୍ୟନ୍ତ କେନ୍ଦ୍ରୀୟ ସହାୟତା ମିଳିବା ସହିତ ଅନ୍ୟୁନ ୫୦ ପ୍ରତିଶତ ଅର୍ଥ ଋଣ, ମ୍ୟୁନିସିପାଲ୍ ବଣ୍ଡ୍ କିମ୍ବା ସରକାର-ଘରୋଇ ଭାଗିଦାରୀ ମାଧ୍ୟମରେ ସଂଗ୍ରହ କରାଯିବ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି ।

***Desk***

# ରଥଯାତ୍ରା ସମୀକ୍ଷା ବୈଠକ

ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାପାଇଁ ପୁଲିସ୍ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର

ଖୁରାନିଆ କହିଛନ୍ତି । ପୁରୀ ଟାଉନହଲଠାରେ ରଥଯାତ୍ରାର ତ୍ରୁଟିଶୂନ୍ୟ ସୁପରିଚାଳନା ନେଇ ଶ୍ରୀ ଖୁରାନିଆଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ସହରର ୮ଟି ସ୍ଥାନରେ ନୂତନ ପାର୍କିଂ ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁଙ୍କ ଉପଯୁକ୍ତ ସେବା ଓ ସୁରକ୍ଷା ଉପରେ ପ୍ରାଧାନ୍ୟ ଦିଆଯିବ ବୋଲି ଶ୍ରୀ ଖୁରାନିଆ ଗୁରୁତ୍ୱାରୋପ କରିଛନ୍ତି । ଉତ୍ତରାଛକରୁ ଆରମ୍ଭ କରି ପୁରୀ, ପୁରୀ-କୋଣାର୍କ ରୋଡ୍ ସହିତ ସହରର ବିଭିନ୍ନ ସ୍ଥାନରେ କ୍ୟାମେରା ବ୍ୟବସ୍ଥା କରାଯାଇଛି । ଭିଡ଼ ନିୟନ୍ତ୍ରଣ, ସୁରକ୍ଷ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସମନ୍ୱିତ କରିବାପାଇଁ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କୁ ନିଜ ନିଜ ମଧ୍ୟରେ ନିରନ୍ତର ଯୋଗାଯୋଗ ରଖିବାକୁ ଡି.ଜି.ପି. ପରାମର୍ଶ ଦେଇଛନ୍ତି ।

***BBSR/R***

# ସ୍ଥାୟୀ ବିକାଶ ଉତ୍କର୍ଷ କେନ୍ଦ୍ର

ସ୍ଥାୟୀ ସହରୀକରଣ ଏବଂ ଜଳବାୟୁ ସହନଶୀଳ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଆଜି ଭୁବନେଶ୍ୱରଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ସ୍ୱଳ୍ପ କାର୍ବନ ନିର୍ମାଣ ସାମଗ୍ରୀ ଏବଂ ସ୍ଥାୟୀ ବିକାଶ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାପାଇଁ ଏକ ତ୍ରି-ପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବିଭାଗୀୟ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଓଡ଼ିଶା ଅର୍ବାନ୍ ଏକାଡେମୀ, ଆଇ.ଆଇ.ଟି. ଭୁବନେଶ୍ୱର ଏବଂ ଡେଭ୍ଲପମେଣ୍ଟ ଅଲ୍‌ଟରନେଟିଭ୍ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ମନ୍ତ୍ରୀ ଶ୍ରୀ

ମହାପାତ୍ର କହିଛନ୍ତି, ରାଜ୍ୟରେ ସ୍ଥାୟୀ ସହରୀ ବିକାଶକୁ ଆଗେଇ ନେବାପାଇଁ ଏହି କେନ୍ଦ୍ର' ଜ୍ଞାନ ଏବଂ ନବୋନ୍ମେଷର ଏକ ପ୍ରମୁଖ କେନ୍ଦ୍ର ପାଲଟିବ । ସହରୀ ବିକାଶ କେବଳ ଭୌତିକ ଭିତ୍ତିଭୂମି ନିର୍ମାଣ ମଧ୍ୟରେ ସୀମିତ ନ ରହି ପରିବେଶ ଅନୁକୂଳ ଯୋଜନା, ଗୁଣାତ୍ମକ ଜନକଲ୍ୟାଣ ଭିତ୍ତିଭୂମି ଓ ଦକ୍ଷ ନାଗରିକ ସେବା ମାଧ୍ୟମରେ ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି ।

***Voice :.........***

ଓଡ଼ିଶାକୁ ସ୍ୱଚ୍ଛ, ସବୁଜ ଓ ଭବିଷ୍ୟତପାଇଁ ପ୍ରସ୍ତୁତ ସହରରେ ପରିଣତ କରିବାର ସଙ୍କଳ୍ପକୁ ସାକାର କରିବାପାଇଁ ଗବେଷଣା, ଦକ୍ଷତା ବିକାଶ ଏବଂ ସ୍ଥାୟୀ ନିର୍ମାଣ କରିବା ପ୍ରସାର କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ।

***Puri/R***

# ଦଶମୂଳ ମୋଦକ

ପୁରୀ ଶ୍ରୀମନ୍ଦିରରେ ଆଜି ଏକାଦଶୀ ତିଥିରେ ଶ୍ରୀଜିଉଙ୍କ ଖଳିଲାଗି ଓ ଚନ୍ଦନ ସର୍ବାଙ୍ଗ ନୀତି ଅନୁଷ୍ଠିତ ହେଉଛି । ମହାପ୍ରଭୁଙ୍କ ସମ୍ପୂର୍ଣ୍ଣ ସୁସ୍ଥତା ପାଇଁ ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ଶ୍ରୀମନ୍ଦିର ଗାରଦକୁ ହସ୍ତାନ୍ତର କରାଯାଇଛି । ପତି ମହାପାତ୍ର ଓ ଦଇତାପତି ସେବକ ଶ୍ରୀଜିଉଙ୍କୁ ମୋଦକଲାଗି କରିବେ । ଏହି ଔଷଧ ସେବନ ପରେ ଠାକୁରମାନେ

ସମ୍ପୂର୍ଣ୍ଣଭାବେ ସୁସ୍ଥ ହୋଇଥା’ନ୍ତି । ଆସନ୍ତାକାଲି ରାଜପ୍ରାସାଦ ବିଜେ ନୀତି ଅନୁଷ୍ଠିତ ହେବ ।

***Malkangiri/R***

# ଶିକ୍ଷକ ବଦଳି କମିଟି

ମାଲକାଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ ଶିକ୍ଷକ ବଦଳି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଯୋଗଦେଇ କହିଛନ୍ତି, ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ର-ଶିକ୍ଷକ ଅନୁପାତ ସନ୍ତୁଳନ ରଖିବା ଆବଶ୍ୟକ ।  ଯେଉଁ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ଅଛନ୍ତି, ସେମାନଙ୍କୁ ଚିହ୍ନଟ କରି ଶିକ୍ଷକ ଅଭାବ ଥିବା ବିଦ୍ୟାଳୟକୁ ବଦଳି କରାଯିବ । ଜିଲ୍ଲାରେ ଏକ ଉନ୍ନତ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ।

***Desk, Kendrapara/R***

# ବିଶ୍ୱ ଜନସଂଖ୍ୟା ଦିବସ

ଜନସଂଖ୍ୟା ବୃଦ୍ଧିଜନିତ ସମସ୍ୟା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟରେ ଆଜି ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **‘ଆଜି ଏବଂ ଭବିଷ୍ୟତ ପାଇଁ**

**ଯୁବପୀଢ଼ିଙ୍କ ଆଶା ଏବଂ ଆକାଂକ୍ଷାକୁ ସାକାର କରିବା’** । ଜନ୍ମହାରକୁ ନିୟନ୍ତ୍ରଣ କରିବା ଲାଗି ବିଶ୍ୱବାସୀଙ୍କୁ ସଚେତନ କରାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ଭୁବନେଶ୍ୱରସ୍ଥିତ କୃଷି ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ପରିବାର ନିୟୋଜନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାକୁ ସମ୍ବର୍ଦ୍ଧିତ କରାଯାଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡାକ୍ତର ବୃନ୍ଦା ଡି. ଏବଂ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ପାଢ଼ୀ’ କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି ।

***Desk***

# ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ସୂଚନା ଅନୁସାରେ ରାଜ୍ୟରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଚଳିତ ମୌସୁମୀରେ ଜୁନ୍ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ହାରାହାରି ୩୪୭ ଦଶମିକ ୫ ମିଲିମିଟର

ବର୍ଷା ରେକର୍ଡ଼ କରାଯାଇଛି, ଯାହା ସ୍ୱାଭାବିକ ବର୍ଷାଠାରୁ ୧୧ ପ୍ରତିଶତ ଅଧିକ ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ସନ୍ଧ୍ୟା ୬ଟା ସୁଦ୍ଧା ୬୧୧ ଦଶମିକ ୬/୨ ଘନଫୁଟ ରହିଛି । ବର୍ତ୍ତମାନ ଜଳଭଣ୍ଡାରର ୫ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩୩ ହଜାର ୪୪୩ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧ ଲକ୍ଷ ୯ ହଜାର ୬୭୩ ଘନଫୁଟ ଜଳ ନିଷ୍କାସିତ ହେଉଛି ।

******